The Indian Express, dated 15 Dec 2009

# After parthenium, it's Horse Nettle in Orissa

**Express News Service**
**Cuttack, December 14**

THE fears of invasion of alien weeds that have the potential to seriously impact crop productivity, environment and health are beginning to come true with Orissa reporting its first incidence of the highly toxic Horse Nettle germination.

A plant of the weed species has been detected at Niali in the district prompting the Central Rice Research Institute (CRRI) to despatch a quick response team of scientists to make an assessment of the situation on the ground. They would initiate immediate measures to prevent and control the spread of the weed, CRRI Director Dr. TK Adhya said here today.

Horse Nettle has high levels of toxicity and can particularly affect livestock while grazing. Consumption of the weed can cause health problems ranging from diarrhoea to paralysis.

The CRRI has, in fact, launched the second phase of the National Invasive Weed Surveillance (NIWS) programme to track the alien invasive weeds and take remedial measures. It has taken nine districts of Balasore, Bhadrak, Mayurbhanj, Keonjhar, Sundargarh, Jajpur, Cuttack, Kendrapara and Jagatsinghpur for intervention. Surveillance inspectors have been appointed for intensive survey of the cropped, non-cropped areas as well as in the garbage manure pits throughout the year.



Horse Nettle weed has high levels of toxicity and can particularly affect livestock while grazing. Consumption of the weed can cause health problems ranging from diarrhoea to paralysis

The weeds under scrutiny are Horse Nettle, Giant Rag weed, Spiny Burr Grass, Hound's Tounge and European Field Pansy. The invasive weeds have got into India from Australia, Russia, Canada, Hungary and Argentina etc in wheat consignments. As much as 6.2 million tonne of wheat was imported from 10 countries in 2006-07 and supplied to the non-wheat growing states, including Orissa, for distribution under PDS system. During phytosanitary inspection the consignments were found to have seeds of these invasive weeds. To prevent the disastrous consequences of their spread the NIWS was launched by the Directorate of Weed Science Research, Jabalpur, in April 2008.

Under the programme the route of the movement of wheat from ports to the PDS dealers to the consumer would be tracked and each and every household in contact screened. "The import of wheat in the 1960's gave us parthenium hysterophorus, which became widespread today. The objective of NIWS is to eradicate the possibility of the spread of these alien weeds which may adversely affect the biodiversity of the country and the State," Adhya said.

The Pragatibadi, dated 15 Dec 2009

# ସାବଧାନ ! ରାଜ୍ୟରେ ୫ପ୍ରଜାତିର ବିଦେଶୀ ଘାସ

କଟକ,ତା୧୪।୧୨(ପିଏନ୍‌ଏସ୍): ଦେଶର ବିଭିନ୍ନ ରାଜ୍ୟରେ ବାହାର ଦେଶର ବିଷାକ୍ତ ତଥା ଅନିଷ୍ଟକାରୀ ଘାସ ପ୍ରବେଶ କରିସାରିଥିବା ବେଳେ ଓଡ଼ିଶା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ । ଯେଉଁ ବିଦେଶୀ ଘାସ ଆଗକୁ ଆମର ପରିବେଶ ଓ ଫସଲ ପ୍ରତି ବିପଦ ଭାବେ ଉଭା ହେବାକୁ ଯାଉଥିବାର ଜଣାଯାଇଛି । ଏନେଇ ଏବେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯିବା ସ୍ୱରୂପ ଉକ୍ତ ଘାସର ଚିହ୍ନଟ ପ୍ରକ୍ରିୟା ଓଡ଼ିଶାର ୯ଟି ଜିଲ୍ଲାରେ ଆରମ୍ଭ ହୋଇଥିବାର ଜଣାଯାଇଛି । ବିଦେଶରୁ ଆମଦାନୀ କରାଯାଇଥିବା ଗହମରେ ଏହି ବିଷାକ୍ତ ତଥା ଅନିଷ୍ଟକାରୀଘାସ ମଞ୍ଜିଦେଶକୁ ଆସିଥିବାର କୁହାଯାଇଛି । ଭାରତ ସରକାରଙ୍କ ଖାଦ୍ୟ ମନ୍ତ୍ରଣାଳୟ ୨୦୦୬-୦୭ ମସିହାରେ ଅଷ୍ଟ୍ରେଲିଆ, ରୁଷ, କାନାଡ଼ା, ହଙ୍ଗେରି ଏବଂ ଆର୍ଜେଣ୍ଟିନା ଆଦି ୧୧ଟି ଦେଶରୁ ୨୨ଲକ୍ଷଟନ ଗହମ ଆମଦାନୀ କରିଥିଲେ । ଏହି ଗହମ ମୁଖ୍ୟତଃ ସାଧାରଣ ବଣ୍ଟନ ବ୍ୟବସ୍ଥା ପାଇଁ ଆମଦାନୀ କରାଯାଇଥିବା ବେଳେସତର୍କତାମୂଳକ ଭାବେ ବିଭିନ୍ନ ବନ୍ଦର (ଗହମ ଚାଷ ହେଉନଥିବା ରାଜ୍ୟର) ଦେଇ ଆସିଥିଲା । ତେବେ ୫ଟି ପ୍ରଜାତିର ବିଦେଶୀ ଅନିଷ୍ଟକାରୀ ଗାସ

## ନିଆଳିରୁ ମିଳିଛି ନମୁନା !

କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶାର ୯ଟି ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଏହି ପ୍ରଜାତିର ଘାସ ନମୁନା ସଂଗ୍ରହ ପାଇଁ ସର୍ଭେ ଚାଲିଛି । ତେବେ କଟକ ଜିଲ୍ଲା ନିଆଳି ଅଞ୍ଚଳର ଖୁଲିଆ ଗ୍ରାମରୁ ଏକ ବିଦେଶୀ ଘାସର ବିଷାକ୍ତ ଫଳ ସଂଗ୍ରହ କରାଯାଇଛି । ତେବେ ଏହା ହର୍ସ ନେଟଲ ପ୍ରଜାତିର ବୋଲି ଅନୁମାନ କରାଯାଉଥିବାର କଟକ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ତପନ କୁମାର ଆଧ୍ୟା କହିଛନ୍ତି । ଏହାକୁ କୋଲକାତା ସ୍ଥିତ ବଟାନିକାଲ ସର୍ଭେ ଅଫ ଇଣ୍ଡିଆକୁ ପରୀକ୍ଷା ଲାଗି ପଠାଯିବ ବୋଲି ଡ. ଆଧ୍ୟା କହିଛନ୍ତି । ଅଷ୍ଟ୍ରେଲିଆରୁ ପ୍ରେରିତ ଗହମ ଦ୍ୱାରା ହର୍ସ ନେଟାଲ ଭାରତରେ ପ୍ରବେଶ କରିଥିବା ବେଳେ ଏହା ସଂପୂର୍ଣ୍ଣ ବିଷାକ୍ତ ହୋଇଥିବାରୁ ପରିବେଶ ଏବଂ ଜୀବଜନ୍ତୁ ପ୍ରତି ବିପଦ ହୋଇଛି । ଉପରୋକ୍ତ ୫ ପ୍ରଜାତିର ଘାସ ବିପଦ ହୋଇଥିବାରୁ ଏହି ଘାସ ସମ୍ପର୍କରେ ସୂଚନା ଦେଲେ ବ୍ୟକ୍ତି ବିଶେଷଙ୍କୁ ୧ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି କୁହାଯାଇଛି । ଉପରୋକ୍ତ ପ୍ରଜାତିର ବିଦେଶୀ ଘାସ ଗୁଡ଼ିକ ଯଦିଓ ଧାନ ଫସଲ ପ୍ରତି କ୍ଷତିକାରକ ନୁହେଁ ତେବେ ପରିବର୍ତ୍ତିତ ପରିସ୍ଥିତିରେ ଏହା ମଧ୍ୟ ଧାନ ଫସଲକୁ ବ୍ୟାପିବାର ଆଶଙ୍କାକୁ ଟାଳି ଦିଆଯାଇନପାରେ । ଗତ ୨୦୦୮ ଏପ୍ରିଲରୁ ଏହି ଘାସ ଗୁଡ଼ିକର ଚିହ୍ନଟ ପାଇଁ ଉଦ୍ଭିଦ ସଂରକ୍ଷଣ ନିର୍ଦ୍ଦେଶାଳୟ, କୃଷି ମନ୍ତ୍ରଣାଳୟ, ମାଧ୍ୟମରେ ଜାତୀୟ ଅନିଷ୍ଟକାରୀ ଘାସ ସର୍ବେକ୍ଷଣ ପ୍ରକଳ୍ପ କାର୍ଯ୍ୟ କରୁଛି । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରକଳ୍ପର ସଂଯୋଜକ ଡ. ସଂଜୟ ଶାହା ଓ କେ. ଏସ ରାଓ ପ୍ରମୁଖ ଏହି ଅନିଷ୍ଟକାରୀ ଘାସର ମୂଳୋତ୍ପାଟନ ଲାଗି ସାଧାରଣରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ମଧରେ **ଜ୍ୟାଣ୍ଡରଗ୍ୟାଗ, ସ୍ୱାଇନବର,** ହାଉଣ୍ଡସ **ଟଙ୍ଗ, ହର୍ଷନେଟ୍‌ଲ** ଏବଂ ଯୁରେପିଆନ ଫିଲ୍ଡ ପ୍ୟାନସି ଆଦି ଘାସ ଅଷ୍ଟ୍ରେଲିଆ ଏବଂ ରୁଷରୁ ଆମଦାନୀ କରାଯାଇଥିବା ଗହମ ମାଧମରେ ଆସିଥିବା ନିରୀକ୍ଷଣ ବେଳେ ଜଣାପଡ଼ିଥିଲା । ତେବେ ଇତି ମଧରେ **ଦୁଇବର୍ଷ ଅତିକ୍ରାନ୍ତ** ହୋଇଥିବା ବେଳେ **ରାଜ୍ୟର ବିଭିନ୍ନ ଜିଲ୍ଲାରେ** ଏହି ଘାସ **ବିସ୍ତାର ଲାଭ କରିବାର ଆଶଙ୍କା ପ୍ରକାଶ ପାଇଛି । ଅତୀତରେ ପ୍ରାୟ ୮୦ଦଶକ ପୂର୍ବରୁ ଏହିଭଳି ଏକ ବିଦେଶୀ ଗାସ** ପାର୍ଥେନିୟମ ବା କଂଗ୍ରେସଘାସ ଭାବେ ପରିଚିତ ଏକ ଘାସ ଏବେ ଦେଶର କୋଣ ଅନୁକୋଣରେ ପହଞ୍ଚି ଫସଲ ହାନିର କାରଣ ହୋଇଛି । ସ୍ୱାଇନବର ଘାସର ଉତ୍ପତିସ୍ଥଳ ଭିତର ଆମେରିକା ହୋଇଥିବ । ଫସଲ କିଆରି, ଗୋଚର, ରାସ୍ତାକଡ଼ ଆଦି ସ୍ଥାନରେ ଦେଖାଯାଉଥିବା ଏହି ପ୍ରଜାତିର ଘାସ ଅଷ୍ଟ୍ରେଲିଆରୁ ଆସିଥିବାର ଜଣାଯାଇଛି । ଅଷ୍ଟ୍ରେଲିଆର କପା, ସୂର୍ଯ୍ୟମୁଖୀ, ଡାଲିଜାତୀୟ ଏବଂ ପନିପରିବା ଫସଲରେ ଦେଖାଯାଇଥାଏ । ବିଶେଷକରି ଲେଡ଼ାପୋଖର ବୈକଳ୍ପିକ ଆବାହକ ଭାବେର ଏହା କାର୍ଯ୍ୟ କରୁଥିବାରୁ ଓଡ଼ିଶାରେ ଏହି ଘାସର ଅଧିକ ବିପଦ ଦେଖାଯାଇଛି । ରୁଷରୁ ପ୍ରେରିତ ଗହମରେ ଆସିଥିବା ହାଉଣ୍ଡସ୍ ଟଙ୍ଗ ନାମକ ବିଷାକ୍ତ ଘାସର ପ୍ରଭାବରେ ଜୀବଜନ୍ତୁମାନେ ନାନା ରୋଗରେ ପିଡ଼ୀତ ହୋଇଥାନ୍ତି । ଏପରିକି ମାନବ ଶରୀରରେ ଚର୍ମରୋଗ ମଧ ଏହି ଘାସ ଯୋଗୁଁ ବ୍ୟାପିବାର ଆଶଙ୍କା ରହିଥିବାର ବୈଜ୍ଞାନିକମାନେ ମତପୋଷଣ କରିଛନ୍ତି । ଅନ୍ୟାନ୍ୟ ଘାସ ମଧରେ ଜ୍ୟାଣ୍ଟରଗ ଏବଂ ଯୁରୋପିଆନ ଫିଲ୍ଡ ପ୍ୟାନସି ରୁଷରୁ ଆସିଥିବା ବେଳେହର୍ସନେଟ୍ଲ ଭଳି ବିଷାକ୍ତ ପ୍ରଜାତିର ଘାସ ଅଷ୍ଟ୍ରେଲିଆରୁ ଆସିଛି ।

The Samaja, dated 15 Dec 2009

# ସତର୍କ ରହନ୍ତୁ ! ବିଦେଶୀ ଘାସ ସମସ୍ୟା ସୃଷ୍ଟି କରିବ

କଟକ ସଦର, (ନି.ପ୍ର)- ଆମ ଦେଶର ଅଧିକାଂଶ ଅଞ୍ଚଳରେ କ୍ଷତିକାରକ ବିଦେଶୀ ଘାସ ଦ୍ୱାରା ସମସ୍ୟା ସୃଷ୍ଟି ହୋଇଛି । ବିଦେଶରୁ ଖାଦ୍ୟଶସ୍ୟର ଆମଦାନି କରିବା ଦ୍ୱାରା ଅନ୍ୟ କୌଣସି ଉପାୟରେଏହି ଘାସ ଆମ ଦେଶରେ ପ୍ରବେଶ କରିଛି । ଏହା ମଣିଷ, ଜୀବଜନ୍ତୁ ଓ ପରିବେଶ ପାଇଁ ସମସ୍ୟା ସୃଷ୍ଟି କରିଛି ଏବଂ ଶସ୍ୟ ଉତ୍ପାଦନ କମ୍ ହେବାର କାରଣ ହୋଇଛି ବୋଲି ସୋମବାର ପୂର୍ବାହ୍ନରେ କେନ୍ଦ୍ରୀୟ ଧାନ ଗବେଷଣାଗାରଠାରେ ଅନୁଷ୍ଠାନର ନିର୍ଦ୍ଦେଶକ ଡଃ. ଟି.କେ. ଆଧ୍ୟା କହିଛନ୍ତି ।

ଦେଶର ଖାଦ୍ୟ ନିରାପତ୍ତା ମେଣ୍ଟାଇବା ପାଇଁ ଭାରତ ସରକାରଙ୍କର ଖାଦ୍ୟ ମନ୍ତ୍ରଣାଳୟ ୨୦୦୬-୦୭ ମସିହାରେ ଅଷ୍ଟ୍ରେଲିଆ, ରୁଷ, କାନାଡା, ହଙ୍ଗେରୀ, ଆର୍ଜେଣ୍ଟିନା ଏବଂ ଫ୍ରାନ୍‌ସ ଆଦି ଦେଶରୁ ୬୨ ଲକ୍ଷ ଟନ୍‌ର ଗହମ ଆମଦାନି କରିଥିଲା । ଏହି ଗହମ ଓଡ଼ିଶା ସମେତ ୧୦ଟି ଗହମ ଚାଷ କରୁନଥିବା ରାଜ୍ୟରେ ସାର୍ବଜନିନ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ବଣ୍ଟା ଯାଇଥିଲା । ବିଭିନ୍ନ ବନ୍ଦରରେ ଏହି ଖାଦ୍ୟ ଶସ୍ୟର ଉଭଦ ସ୍ୱାସ୍ଥ୍ୟକର ସମ୍ବନ୍ଧୀୟ ନିରୀକ୍ଷଣ କଲାବେଳେ ଜଣାଯାଇଛି ଘାସ ଯଥା ଜ୍ୟାଣ୍ଟ, ର୍ୟାଗ ଘାସ, ସ୍ୱାଇନି ବରଘାସ, ହାଉଣ୍ଡସ ଟଙ୍ଗ ଘାସ (କୁକୁର ଜିଭା), ହର୍ଷନେଟ୍ଲ ଏବଂ ଇଉରୋପିଆନ ଫିଲ୍‌ଡପ୍ୟାନ୍‌ସି ଆମୋଦିତ ଖାଦ୍ୟ ପଦାର୍ଥ ସାଙ୍ଗରେ ପ୍ରବେଶ କରିଛି । ଏହି ଘାସଗୁଡ଼ିକ ଭାରତୀୟ କୃଷି ପାଇଁ ସମସ୍ୟା ସୃଷ୍ଟି କରିବା ସହ ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି ଡଃ. ଆଧ୍ୟା ରାଜ୍ୟର ଚାଷୀମାନଙ୍କୁ ସତର୍କ କରାଇଛନ୍ତି । ଏହିପ୍ରକାର ଘାସର ଉତ୍ପତ୍ତିସ୍ଥଳ ଯଥାକ୍ରମେ ଦକ୍ଷିଣ ରୁଷ, ଆମେରିକା, ୟୁରେସିଆ, ଆରବଦେଶ ଓ ୟୁରୋପ । ଏହି ଘାସ ମଧ୍ୟରୁ ଅଧିକାଂଶ ଦେଢ଼ ବର୍ଷ ଜୀବିତ ରହୁଥିବାବେଳେ ହର୍ସ ନେଟ୍ଲ ବହୁତ ବର୍ଷ ଜୀବିତ ରହୁଥିବା ଘାସ ଅଟେ । ଏହା ସାଧାରଣତଃ ଶସ୍ୟ ଓ ପନିପରିବା, ଫଳ କିଆରି, ଗୋଚର ଭୂମି ଓ ତଳିପଡ଼ା ଆଦି ଜାଗାରେ ଦେଖାଯାଏ । ଏହା ଅଷ୍ଟ୍ରେଲିଆରୁ ପ୍ରେରିତ ଗହମ ଦ୍ୱାରା ଆମ ଦେଶକୁ ଆସିଛି । ଏଥିମଧ୍ୟରେ କେତେକ ଘାସ ରୁଷରୁ ପ୍ରେରିତ ଗହମରୁ ଚିହ୍ନଟ କରାଯାଇଛି । ଏହି ଘାସଗୁଡ଼ିକର ତୁରନ୍ତ ଚିହ୍ନଟ କରିବା ଏବଂ ତାର ମୂଳୋତ୍ପାଟନ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିପାଇଁ ଭାରତ ସରକାର କୃଷି ମନ୍ତ୍ରଣାଳୟର ତୃଣକ ବିଜ୍ଞାନ ଅନୁସନ୍ଧାନ ନିର୍ଦ୍ଦେଶାଳୟ

ସର୍ବେକ୍ଷଣ ପ୍ରକଳ୍ପ ୨୦୦୮ ଏପ୍ରିଲ ମାସଠାରୁ ଆରମ୍ଭ କରିଛି । ଏହି ପ୍ରକଳ୍ପ ସିଆରଆରଆଇ ଅନୁଷ୍ଠାନ ଜରିଆରେ ଓଡ଼ିଶାର ୯ଟି ଜିଲା ଯଥା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ଏହି ଘାସଗୁଡ଼ିକୁ ଚିହ୍ନଟ କରାଯିବା ସହ ମୂଳୋତ୍ପାଟନ ତଥା ନଷ୍ଟ କରିବାର ବ୍ୟବସ୍ଥା ହେଉଛି । ଏହି ପ୍ରକଳ୍ପରେ ୩ ଜଣ ସର୍ବେକ୍ଷଣ ନରୀକ୍ଷକ ନିଯୁକ୍ତି କରାଯାଇ ଏହି ବିଦେଶୀ ଘାସର ଚିହ୍ନଟ କାର୍ଯ୍ୟ ଆରମ୍ଭ ହୋଇଛି । ସେମାନେ ବିଭିନ୍ନ ଗାଁରେ ବୁଲି ସର୍ବଜନିନ ବଣ୍ଟନ ବ୍ୟବସ୍ଥାରେ ଦିଆଯାଇଥିବା ଗହମରୁ କିଛି ନମୁନା ସଂଗ୍ରହ କରି ଗବେଷଣାଗାରକୁ ପରୀକ୍ଷାଗାରକୁ ପଠାଇବେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଏହି ବିପଦଜନକ ତଥା ଅନିଷ୍ଟକାରୀ ବିଦେଶୀ ଘାସ ବିଷୟରେ ଜନସାଧାରଣ ତଥା ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ବୋଲି ନିର୍ଦ୍ଦେଶକ ଡଃ ଆଧ୍ୟା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆରଆରାଇର ବୈଜ୍ଞାନିକ କେ.ଏସ. ରାଓ ଏବଂ ସଂଜୟ ସାହୁ ପ୍ରମୁଖ ରହି ସାମ୍ବାଦିକଙ୍କୁ ବିଦେଶୀ ଘାସ ସମ୍ପର୍କରେ ଅବଗତ